# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୬୨/୨୫

## ଜିଲ୍ଲା-ଯାଜପୁର

ତା.୦୫.୦୮.୨୦୨୫

**ପାଣିପାଗ ପୂର୍ବାନୁମାନ (ତା. ୧୦.୦୮.୨୦୨୫ ପର୍ଯ୍ୟନ୍ତ)-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୦୭-୦୯ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୩-୩୫°C ଏବଂ ୨୬-୨୭° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| JAJPUR | 2025-08-06 | 3 | 35 | 27 | 4 | 88 | 55 | 7 | 216 |
| | 2025-08-07 | 8 | 34 | 27 | 5 | 89 | 56 | 9 | 216 |
| | 2025-08-08 | 10 | 33 | 26 | 5 | 88 | 63 | 8 | 221 |
| | 2025-08-09 | 7 | 33 | 26 | 5 | 87 | 67 | 8 | 225 |
| | 2025-08-10 | 4 | 34 | 27 | 4 | 88 | 64 | 7 | 208 |

### ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | ➢ ବର୍ଷା ଜଳକୁ ବିନିଯୋଗକରି ରୁଆ କାମ ଶୀଘ୍ର ଶେଷ କରନ୍ତୁ ।<br>➢ ଆଗାମୀ ଦିନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି, ତେଣୁ ସିଞ୍ଚନ କାର୍ଯ୍ୟ କରିବା ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ ।<br>➢ ସମୟ ସମୟରେ ମେଘୁଆ ଏବଂ ଶୁଖିଲା ପାଗ ଅନୁକୂଳ ଯୋଗୁଁ, ପରିବା ଫସଲରେ ପୋକ ଆକ୍ରମଣକୁ ନିୟମିତ ଅନୁଧ୍ୟାନ କରିବାକୁ ଚାଷୀମାନଙ୍କୁ ପରାମର୍ଶ । | |
|---|---|---|
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| ଖରିଫ ଧାନ | ରୋପଣ | ➢ ଧାନରେ କାଣ୍ଡ ବିନ୍ଧା ପୋକ ଓ ରୋଗ ଆକ୍ରମଣକୁ ହ୍ରାସ କରିବା ପାଇଁ ଟ୍ରାଇସାଇକ୍ଲାଜୋଲ ଏବଂ ପ୍ଲାଣ୍ଟୋମାଇସିନ୍ @୧ ଗ୍ରାମ/ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>➢ ଅଧିକା ପାଣି ଜମିରହି ବିଲରେ ସିଉଳି ହେଲେ, ନିୟନ୍ତ୍ରଣ କରିବା ପାଇଁ ଜମିରୁ ଅଧିକା ପାଣି ନିଷ୍କାସନ କରନ୍ତୁ ଓ କପର ସଲଫେଟ ବା ତୁତିଆ କୁ ଏକର ପ୍ରତି 2kg କୁ ଗୁଣ୍ଡ କରି 10kg ବାଲିରେ ମିଶାଇ ପ୍ରୟୋଗ କରନ୍ତୁ।<br>➢ ଜମିକୁ ଭଲ ଭାବେ କାଦୁଅ କରି ମୂଳସାର (ସବୁତକ ଫସଫରସ ଓ ପଟାସ ସାର ଏବଂ ଏକ ଚତୁର୍ଥାଂଶ ଯବକ୍ଷାରଜାନ ସାର) ପ୍ରୟୋଗ କରନ୍ତୁ ।ଯଦି ମୃତ୍ତିକା ପରୀକ୍ଷା କରିନଥାନ୍ତି ତେବେ ୧୨୦ ରୁ ୧୫୦ ଦିନ ମଧ୍ୟରେ ଅମଳ ହେଉଥିବା କିସମ ପାଇଁ ଏକର ପିଛା ୩୨-୧୬-୧୬ କି.ଗ୍ରା. ଏନ.ପି.କେ. ସାର ଆବଶ୍ୟକ ।<br>➢ ବୁଣାଧାନ ଫସଲରେ ବର୍ଷା ପରେ ବେଉଷଣ କାମ ଶେଷ କରନ୍ତୁ । |
| ନଳିତା | ତରୁଣୀ ଅବସ୍ଥା | ➢ ନଳିତା ଗଛ ଅଧିକ ଲମ୍ବା ହେବା ପାଇଁ ଅନ୍ତଃଚାଷ ସମୟରେ ଶାଖା ପ୍ରଶାଖା ଗୁଡିକୁ ଭଲ ଭାବେ ଛିଣ୍ଡାଇ ଦିଅନ୍ତୁ।<br>➢ ବର୍ତ୍ତମାନ ବର୍ଷା ଯୋଗୁ ନଳିତାରେ ତୃଣକ ଜନସଙ୍ଖ୍ୟାକୁ ବୃଦ୍ଧି କରିବ , ଘାସକୁ ନିୟନ୍ତ୍ରଣ କରିବା ପାଇଁ କୁଇଜଲଫପ-ପେଥିଲ 2 ମି.ଲି /ଲିଟର ପାଣି ପ୍ରୟୋଗ କରନ୍ତୁ। |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ➢ ଆଖୁ ଫସଲକୁ ଉପଯୁକ୍ତ ସମୟ ବ୍ୟବଧାନରେ ଜଳସେଚନ ଦିଆଯିବା ଉଚିତ୍ \| ବିକଳ୍ପ ଧାଡିଗୁଡିକୁ ଜଳସେଚନ କରନ୍ତୁ ଏବଂ ଆଖୁ ଆବର୍ଜନାକୁ ମଲଚିଂ ଭାବରେ ପ୍ରୟୋଗ କରନ୍ତୁ \|ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ । |
| ପନିପରିବା | ଫୁଲ/ଫଳ ଅବସ୍ଥା | ➢ ଭେଣ୍ଡି ଗଛ ରେ ଶାହେବୀ ରୋଗ ନିୟନ୍ତ୍ରଣ କରିବା ପାଇଁ ଅଧିକ ଆକ୍ରାନ୍ତ ପତ୍ର କୁ ଛିଣ୍ଡାଇ ପୋତି ଦିଅନ୍ତୁ। ହଳଦିଆ ଅଠାଳିଆ କାର୍ଡ ଏକର ପ୍ରତି 15 ଟି ବ୍ୟବହାର କରନ୍ତୁ। Potash ସାର ଗୁଣ୍ଡ ପ୍ରତି 500gm ହିସାବରେ ପ୍ରୟୋଗ କରନ୍ତୁ।Diafenthiuron 50%WP ଲିଟର ପ୍ରତି 2gm କିମ୍ବା Dinotefuran 20%WG ଲିଟର ପ୍ରତି 0.5gm ହିସାବରେ ଅପରାହ୍ନରେ ସ୍ପ୍ରେ କରନ୍ତୁ । |

| | | |
|---|---|---|
| | | ➢ ବାଇଗଣ ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ ।<br>➢ ବାଇଗଣ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୪ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ , ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୭୦ ମି.ଲି. ସ୍ପିନୋସାଡ କିମ୍ବା Thiachlopríd @୨୫୦ମିଲି /ଲିଟର ପ୍ରୟୋଗ କରନ୍ତୁ । |
| ଫଳ | ଫଳ ଅବସ୍ଥା | ➢ ଅମୃତଭଣ୍ଡାରେ ପତ୍ର ମୋଚା ରୋଗ ଏକ ଭୂତାଣୁ ଜନିତ ରୋଗ ଏହାକୁ ନିୟନ୍ତ୍ରଣ କରିବାପାଇଁ ଅଧିକ ଆକ୍ରାନ୍ତ ପତ୍ରକୁ ଛିଣ୍ଡାଇ ପୋତି ଦିଅନ୍ତୁ। ହଳଦିଆ ଅଠାଳିଆ କାର୍ଡ ଏକର ପ୍ରତି 15ଟି ବ୍ୟବହାର କରନ୍ତୁ କିମ୍ବା Diafenthiuron 50%WP ଲିଟର ପ୍ରତି 1.5gm କିମ୍ବା ( Bufrofezin 15%+Acephate 35%WP) ଲିଟର ପ୍ରତି 2gm କିମ୍ବା (Diafenthiuron 40%+Spinetoram 5%SC )ଲିଟର ପ୍ରତି 1.5ml ହିସାବରେ ଅପରାହ୍ନରେ ସ୍ପ୍ରେ କରନ୍ତୁ। |
| ମାଛ ଚାଷ | | ➢ ମାଛ ଯାଆଁଳ ଉତ୍ପାଦନ କରୁଥିବା ନିର୍ଭରଯୋଗ୍ୟ ପ୍ରତିଷ୍ଠାନରୁ ଏକର ପରିମିତ ଜଳାଶୟ ପାଇଁ ୩୦୦୦ ମୁଣ୍ଡା ଯାଆଁଳ ସଂଗ୍ରହ କରନ୍ତୁ ।<br>➢ ତିନି ପ୍ରକାରର ମାଛ ଉତ୍ପାଦନ କରିବାକୁ ଚାହୁଁଥିଲେ ୯୦୦ଗୋଟି ଭାକୁର , ୧୨୦୦ଗୋଟି ରୋହି ଓ ୯୦୦ଗୋଟି ମିରିକାଳି ଯାଆଁଳ ଛାଡନ୍ତୁ ।<br>➢ ଛଅ ପ୍ରକାରର ମିଶ୍ରିତ ମାଛ ଉତ୍ପାଦନ କରିବାକୁ ଚାହୁଁଥିଲେ ୮୦୦ଗୋଟି ଭାକୁର , ୧୨୦୦ଗୋଟି ରୋହି , ୫୦୦ଗୋଟି ମିରିକାଳି, ୩୦୦ଗୋଟି ବିଲାତିରୋହି, ୧୦୦ଗୋଟି ଗ୍ରାସକାର୍ପ ଓ ୧୦୦ଗୋଟି ସିଲଭର କାର୍ପ ଯାଆଁଳ ଛାଡନ୍ତୁ ।ଯେ କୌଣସି ପରିସ୍ଥିତିରେ ଜଳର ଗଭୀରତା ୫ ଫୁଟରୁ କମ ନ ରହିବା ଆବଶ୍ୟକ। |
| ପଶୁପାଳନ | | ➢ ଆଦ୍ର ପରିବେଶରେ ଗୁହାଳ ଭିତରେ ରୋଗ ବ୍ୟାପିପାରେ ତେଣୁ ଏହାକୁ ନିୟମିତ ଭାବେ ସଫା କରନ୍ତୁ।<br>➢ ଯଦି ପଶୁମାନଙ୍କୁ ଏଫଏମଡି , ହେମୋରେଜିକ୍ ସେପ୍ଟିକେମିଆ , ବ୍ଲାକ୍ କ୍ୱାର୍ଟର୍ , ଏଣ୍ଟେରୋଟକ୍ସେମିଆ ଇତ୍ୟାଦି ଟୀକାକରଣ କରାଯାଇ ନାହିଁ, ତେବେ ଏହା କରିବା ଜରୁରୀ \| |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital